ସମ୍ବାଦ

# କୁଚିଣ୍ଡା ମହାବିଦ୍ୟାଳୟରେ ବିଜ୍ଞାନମେଳା

# 'ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସମାଜ ପାଇଁ ଅତ୍ୟାବଶ୍ୟକ'



କୁଚିଣ୍ଡା, ୨୦।୧୧(ଇମିସ): ସୋମବାର କୁଚିଣ୍ଡା ମହାବିଦ୍ୟାଳୟ ବିଜ୍ଞାନ ପରିଷଦ ତରଫରୁ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଡ. ଅମିୟ ପାତ୍ର ଏବଂ ଡ. ସୁମନ୍ତ ପଟେଲ ବୈଜ୍ଞାନିକ ପଦ୍ଧତି ହିଁ ନିର୍ଭୁଲ ଓ ନିଶ୍ଚିତ ସତ୍ୟ ଉଦଘାଟନ କରିବାରେ ସହାୟକ ବୋଲି କହିଥିଲେ। ଏହି ମେଳାରେ +୨ ଏବଂ +୩ ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସଭାରେ ଛାତ୍ରୀ ଶ୍ୱେତା କୁମାରୀ, ସ୍ୱସ୍ତିଦୀପା ଏବଂ ଛାତ୍ର ଅଙ୍କୁଶ ସେମାନଙ୍କ ପ୍ରକଳ୍ପ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ମଞ୍ଜୁଶ୍ରୀ ଦାଶ ସ୍ୱାଗତ ଭାଷଣ ସହ ବିଜ୍ଞାନ ମେଳାର ଆବଶ୍ୟକତା ସମ୍ବନ୍ଧରେ ମତ ରଖିଥିଲେ। +୨ ଛାତ୍ରୀ ଶ୍ୱେତା କୁମାରୀ, ସଙ୍ଗୀତା ମୁଣ୍ଡା, ପ୍ରାଚୀ ବେହେରା, ସ୍ୱସ୍ତିଦୀପା ଜେନା, ପ୍ରିୟାନି ସାହୁ, ଜ୍ୟୋତିର୍ମୟୀ ବେହେରା ଏବଂ +୩ର ଆଶୀର୍ବାଦ ଶତପଥୀ, ସୁବ୍ରତ ବାଗ, ଡୋଲାମଣି ଠାକୁର, ଅର୍ପିତା ବେହେରା, ରାକ୍ଷୀ ଅର୍କ ଓ ଲିପି ନାୟକଙ୍କ ପ୍ରକଳ୍ପ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲା। ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ବହୁସଂଖ୍ୟାରେ ଯୋଗଦେଇ ଥିଲେ। ପ୍ରାଧ୍ୟାପିକା ସୁଭଦ୍ରା ଦାସ ଧନ୍ୟବାଦ ଦେଇଥିଲେ।